# ରାଜ୍ୟ ସରକାରସମୂହଙ୍କ ପାଇଁ ପସନ୍ଦଯୋଗ୍ୟ ସହଭାଗି ହେବାକୁ ଇଣ୍ଡିଆ ପାୱାରର ପ୍ରୟାସ

*ପଶ୍ଚିମବଙ୍ଗ, ଗୁଜରାଟ, କର୍ଣ୍ଣାଟକ ଓ ମଧ୍ୟପ୍ରଦେଶରୁ ଅନ୍ୟ ରାଜ୍ୟକୁ ସମ୍ପ୍ରସାରଣ ଯୋଜନା*

**ଭୁବନେଶ୍ୱର, ୨୯ ସେପ୍ଟେମ୍ବର ୨୦୨୦:** ଦେଶର ଅନ୍ୟତମ ଅଗ୍ରଣୀ ଶକ୍ତି ଉପଯୋଗିତା କମ୍ପାନୀ ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ସୁଲଭ ମୂଲ୍ୟରେ ଘରୋଇ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଣ କରିବା ସକାଶେ ସମଗ୍ର ଭାରତରେ ରାଜ୍ୟ ସରକାରସମୂହଙ୍କ ନିମନ୍ତେ ପସନ୍ଦଯୋଗ୍ୟ ସହଭାଗି ହେବାକୁ ପ୍ରୟାସ କରୁଛି। ପଶ୍ଚିମବଙ୍ଗ, ଗୁଜରାଟ, କର୍ଣ୍ଣାଟକ ଏବଂ ମଧ୍ୟପ୍ରଦେଶରେ ସରକାରଙ୍କୁ ସହଯୋଗ କରିବାର ସଫଳତାରେ ଉତ୍ସାହିତ ହୋଇ କମ୍ପାନୀ ଆବଶ୍ୟକ ମଞ୍ଜୁରି ଏବଂ ଅନୁମୋଦନ ମିଳିଲେ, ତାହାର କାର୍ଯ୍ୟକଳାପ ଦେଶର ଅନ୍ୟାନ୍ୟ ଭାଗକୁ ସମ୍ପ୍ରସାରିତ କରିବାକୁ ଯୋଜନା କରୁଛି।

ଏକ ଶତାବ୍ଦୀରୁ ଅଧିକ ସମୟ ଧରି ଇଣ୍ଡିଆ ପାୱାର ପଶ୍ଚିମବଙ୍ଗର ଆସାନ୍‌ସୋଲ-ରାଣିଗଞ୍ଜ ଅଞ୍ଚଳର ୬୧୮ ବର୍ଗକିଲୋମିଟରରେ ଶକ୍ତି ଯୋଗାଇ ଆସୁଛି ଏବଂ ପଶ୍ଚିମବଙ୍ଗ ଗ୍ରୀନ ଏନର୍ଜି ଡେଭେଲପମେଣ୍ଟ କର୍ପୋରେସନ ଲିମିଟେଡ ସହିତ ମିଶି ଆସାନ୍‌ସୋଲରେ ଏହାର ଏକ ୨ ମେଗାୱାଟ ସୌରଶକ୍ତି ପ୍ଲାଣ୍ଟ ରହିଛି। ଏହି ପ୍ଲାଣ୍ଟ ଏସିଆରେ ପ୍ରଥମ ଗ୍ରୀଡ ସଂଯୁକ୍ତ ସୌରଶକ୍ତି ପ୍ଲାଣ୍ଟ ହୋଇଛି। କମ୍ପାନୀର ଅକ୍ଷୟ ଶକ୍ତି ପ୍ରକଳ୍ପଗୁଡିକ ମଧ୍ୟରେ ଗୁଜରାଟ ଓ କର୍ଣ୍ଣାଟକରେ ୩୫.୨ ମେଗାୱାଟ ପବନଚାଳିତ ଶକ୍ତି ଉତ୍ପାଦନ ଅନ୍ତର୍ଭୁକ୍ତ, ଯେଉଁଠାରେ ଏହା ରାଜ୍ୟ ବିଦ୍ୟୁତ ଆବଣ୍ଟନ କମ୍ପାନୀଗୁଡିକୁ (ଡିସ୍‌କମ) ଶକ୍ତି ଯୋଗାଇ ଦେଉଛି।

ଇଣ୍ଡିଆ ପାୱାରର ପୂର୍ଣ୍ଣ ମାଲିକାନାଧୀନ ସହଯୋଗୀ ସଂସ୍ଥା ଏମ୍‌ପି ସ୍ମାର୍ଟ ଗ୍ରିଡ ପ୍ରାଇଭେଟ ଲିମିଟେଡ ଏହି ଧରଣର ପ୍ରଥମ ସରକାରୀ-ଘରୋଇ ଅଂଶୀଦାର ପ୍ରକଳ୍ପ (ପିପିପି) କାର୍ଯ୍ୟକାରିତାରେ ନିୟୋଜିତ ଅଛି ଯେଉଁଥିରେ ମଧ୍ୟପ୍ରଦେଶର ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ ଏବଂ ମାଉ ଭଳି ପାଞ୍ଚଟି ସହରରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ ଅନ୍ତର୍ଭୁକ୍ତ। ଉପଭୋକ୍ତାଙ୍କ ପରିସରରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ପାଞ୍ଚବର୍ଷ ପାଇଁ ପରିଚାଳନା ଓ ରକ୍ଷଣାବେକ୍ଷଣ ନିମନ୍ତେ ଅତ୍ୟାଧୁନିକ ପ୍ରଯୁକ୍ତିକୌଶଳ ଆଧାରିତ ଭିତ୍ତିଭୂମି ସ୍ଥାପନ ମଧ୍ୟ କରାଯାଉଛି।
ରାଜ୍ୟ ସରକାରସମୂହଙ୍କ ପାଇଁ ପସନ୍ଦଯୋଗ୍ୟ ସହଭାଗି ହେବା ଉପରେ କମ୍ପାନୀର ଦୃଷ୍ଟିନିବଦ୍ଧ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ **ଶ୍ରୀ ରାଘବ ରାଜ କନୋରିଆ** କହିଛନ୍ତି, "ଭାରତର ସମସ୍ତ ରାଜ୍ୟରେ ଉପଭୋକ୍ତାଙ୍କୁ ଏହି ଶ୍ରେଣୀରେ ସର୍ବୋତ୍ତମ ସେବା ଯୋଗାଇଦେବା ସାମର୍ଥ୍ୟରେ ଆମର ଶତାବ୍ଦୀ ପୁରାତନ ପରମ୍ପରା ଆମକୁ ଆତ୍ମବିଶ୍ୱାସୀ କରି ଗଢିତୋଳୁଛି। ଆମେ କାର୍ଯ୍ୟ କରୁଥିବା ରାଜ୍ୟଗୁଡିକରେ ଉପଭୋକ୍ତାଙ୍କୁ ଚବିଶ ଘଣ୍ଟିଆ ସୁଲଭ ମୂଲ୍ୟରେ ଶକ୍ତି ଯୋଗାଣ ନିଶ୍ଚିତ କରିବାକୁ ସମର୍ଥ ହୋଇପାରିଛୁ। ଏହି ଅଭିଜ୍ଞତା ଏବଂ ସଫଳତା କାହାଣୀରେ ଉତ୍‌ଫୁଲ୍ଲିତ ହୋଇ ଆମେ ନିକଟ ଭବିଷ୍ୟତରେ ଆବଶ୍ୟକ ଅନୁମୋଦନ ହାସଲ କରିବାପରେ ନୂତନ ଭୌଗୋଳିକ ଅଞ୍ଚଳକୁ ପ୍ରବେଶ କରିବା ଯୋଜନା କରିଛୁ।"

ଇଣ୍ଡିଆ ପାୱାର ନିକଟରେ ଇଡିଏଫ୍ ଇଣ୍ଟରନ୍ୟାସନାଲ ସହିତ ଏକ ସଂଗଠନ କରିଛି, ଯାହା ଓଡ଼ିଶାରେ ଶକ୍ତି ଆବଣ୍ଟନ ଉପଯୋଗିତା ଅଧିଗ୍ରହଣ ପାଇଁ ବିଡ୍ ଦାଖଲ କରିଛି। ଏହି ସଂଗଠନର ସଦସ୍ୟମାନେ ଅତୁଳନୀୟ ବୈଷୟିକ ଦକ୍ଷତା, ମଜଭୁତ ଆର୍ଥିକ ସ୍ଥିତି ଏବଂ ଉଭୟ ଘରୋଇ ଓ ବିଶ୍ୱ ପରିବେଶରେ ବହୁ ଦଶନ୍ଧିର ଅଭିଜ୍ଞତାର ସମ୍ମିଶ୍ରଣରେ ଅନନ୍ୟ ସାମର୍ଥ୍ୟ ହାସଲ କରିଛନ୍ତି।

ଇଣ୍ଡିଆ ପାୱାରର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ **ଶ୍ରୀ ସୋମେଶ ଦାସଗୁପ୍ତା** କହିଛନ୍ତି, "ଆମର ବିଶ୍ୱାସ ଯେ ଏହି ସଂଗଠନ ଓଡ଼ିଶାରେ ସମସ୍ତ ଅଂଶୀଦାରଙ୍କର ଆଶା ପୂରଣ କରିବା ଦିଗରେ ଉତ୍ତମ ସ୍ଥିତିରେ ରହିଛି। ଇଣ୍ଡିଆ ପାୱାର ଶତାବ୍ଦୀ ପୁରୁଣା ସ୍ଥାନୀୟ ଜ୍ଞାନ ଏବଂ ଏହି କ୍ଷେତ୍ରର

ବିଶେଷଜ୍ଞତା ଯୋଗାଇଦେଉଥିବାବେଳେ, ଇଡିଏଫ ଇଣ୍ଟରନ୍ୟାସନାଲ ସର୍ବାଧୁନିକ ପ୍ରଯୁକ୍ତିକୌଶଳଗତ ଦକ୍ଷତା ଏବଂ ବିଶ୍ୱସ୍ତରୀୟ ସର୍ବୋତ୍ତମ କାର୍ଯ୍ୟାଭାସ ଯୋଗାଇବ।"

**About India Power Corporation Limited** ("**India Power**"):
India Power Corporation Limited ("India Power"), formerly known as DPSC Limited, incorporated in 1919, is a holistic, integrated power utility headquartered in Kolkata, West Bengal. The company holds a distribution license spread across 618 square kilometres in Asansol-Ranigunj region of West Bengal and contributes immensely to the growth and prosperity of its industrial, commercial and domestic consumers. With strong expertise in distribution management and engineering, the company has developed a diversified, pan-India portfolio, which includes power distribution, smart metering & digital transformation, renewable and conventional modes of power generation.

**Media persons**, **for further information please contact**:

**Arnab Sinha Roy**
Perfect Relations
M: +91 98315 69558
E: aroy@perfectrelations.com